**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**14 May – 2024**

# ମତଦାନ

ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ଗତକାଲି ରାତି ୧୧ଟା ୪୫ ମିନିଟ୍ ସୁଦ୍ଧା ରାଜ୍ୟରେ ୭୩ ଦଶମିକ ୯/୭ ପ୍ରତିଶତ ମତଦାନ ହୋଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ଏହି ପର୍ଯ୍ୟାୟରେ କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ବ୍ରହ୍ମପୁର ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ଆସନରେ ମତଦାନ ହୋଇଥିଲା । ନବରଙ୍ଗପୁର ଲୋକସଭା କ୍ଷେତ୍ରରେ ସର୍ବାଧିକ ୮୦ ଦଶମିକ ୨/୨ ପ୍ରତିଶତ ମତଦାନ ହୋଇଥିବା ବେଳେ କୋରାପୁଟରେ ଛଅସ୍ତରୀ ଦଶମିକ ୯/୮, କଳାହାଣ୍ଡିରେ ୭୫ ଦଶମିକ ୭/୧ ଓ ବ୍ରହ୍ମପୁରରେ ୬୩ ଦଶମିକ ୩/୪ ପ୍ରତିଶତ ମତଦାନ ହୋଇଛି । ମତଦାନ ପରେ ୯ଟି ପୋଲିସ୍ ଜିଲ୍ଲାର ୧୫ଟି ଷ୍ଟ୍ରଙ୍ଗରୁମ୍‌ରେ ଇ.ଭି.ଏମ୍. ଗୁଡ଼ିକୁ ରଖାଯାଇଛି । ଏହାର ସୁରକ୍ଷା ଲାଗି ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ୨୪ ଘଣ୍ଟିଆ ପହରା ବ୍ୟବସ୍ଥା କରାଯାଇଛି ।

ରାଜ୍ୟରେ ବାକି ୩ଟି ପର୍ଯ୍ୟାୟରେ ଆସନ୍ତା ୨୦ ଓ ୨୫ ତାରିଖ ଏବଂ ଜୁନ୍ ୧ ତାରିଖରେ ମତଦାନ ଅନୁଷ୍ଠିତ ହେବ ।

ଅନ୍ୟପକ୍ଷରେ ଦେଶର ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଗତକାଲି ହୋଇଥିବା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ଶତକଡ଼ା ଦଶମିକ ୨/୫ ପ୍ରତିଶତ ମତଦାନ ହୋଇଛି ।

## ପ୍ରଧାନମନ୍ତ୍ରୀ/ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତ

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୦ ତାରିଖରେ ଓଡ଼ିଶା ଆସି ପୁରୀ, କଟକ ଓ ଅନୁଗୁଳରେ ଦଳ ପକ୍ଷରୁ ଜନସଭାକୁ ସମ୍ବୋଧନ କରିବେ। ଏହାଛଡ଼ା ପୁରୀରେ ଏକ ରୋଡ୍ ସୋ'ରେ ଭାଗ ନେବେ । ସେହିପରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲି ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଆସନ୍ତା ୧୭ ତାରିଖରେ ଓଡ଼ିଶା ଗସ୍ତରେ ଆସି ନିର୍ବାଚନ ପ୍ରଚାର କରିବେ ବୋଲି ଜଣାପଡ଼ିଛି ।

ଅନ୍ୟପକ୍ଷରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆସନ୍ତାକାଲି ବଲାଙ୍ଗୀରରେ ଏକ ଜନସଭାରେ ଯୋଗଦେବେ । ଆସନ୍ତା ୧୬ ତାରିଖରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଓଡ଼ିଶା ଗସ୍ତରେ ଆସି ନିର୍ବାଚନ ପ୍ରଚାରରେ ସାମିଲ ହେବେ ବୋଲି ଦଳୀୟ ରାଜ୍ୟ ପ୍ରଭାରୀ ଅଜୟ କୁମାର କହିଛନ୍ତି।

## ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା

ରାଜ୍ୟରେ ଚତୁର୍ଥ ତଥା ଦେଶରେ ସପ୍ତମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ପ୍ରାର୍ଥିପତ୍ର ଦାଖଲର ଶେଷଦିନ ରହିଛି । ଏହି ପର୍ଯ୍ୟାୟରେ ମୟୂରଭଞ୍ଜ,

ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଜୁନ୍ ୧ ତାରିଖରେ ମତଦାନ ହେବ। ଆସନ୍ତାକାଲି ଏଥିଲାଗି ନାମାଙ୍କନପତ୍ର ଯାଞ୍ଚ ଓ ୧୭ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଶେଷ ତାରିଖ ରହିଛି।

# ବଡ଼ମେଡ଼ିକାଲ

କଟକ ବଡ଼ମେଡ଼ିକାଲର ବିଭିନ୍ନ ୱାର୍ଡକୁ ଘରୋଇ ପରୀକ୍ଷାଗାର କର୍ମଚାରୀଙ୍କ ପ୍ରବେଶ ନେଇ କଟକଣା ଜାରି କରାଯାଇଚି । ଘରୋଇ ପରୀକ୍ଷାଗାର କର୍ମଚାରୀମାନେ ୱାର୍ଡ ମଧ୍ୟରେ ପ୍ରବେଶ କଲେ ଏସ୍‌ସିବି କର୍ମଚାରୀ ଦାୟୀ ରହିବେ ବୋଲି ଏସ୍‌ସିବିର ପ୍ରଶାସନିକ ଅଧିକାରୀ କହିଛନ୍ତି । ଅନ୍ୟପକ୍ଷରେ ରୋଗୀମାନଙ୍କୁ ତୁରନ୍ତ ଇ.ସି.ଜି. ପରୀକ୍ଷା କରାଇବା ପାଇଁ ୧୧ ଜଣ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ସଂପୃକ୍ତ କର୍ମଚାରୀମାନେ ପ୍ରତି ୮ ଘଣ୍ଟା ଅନ୍ତରରେ ୩ଟି ସିଫ୍ଟରେ କାର୍ଯ୍ୟ କରିବେ ।

## କୁଳପତି ନିଯୁକ୍ତ

ଓଡ଼ିଶା ସ୍ୱାସ୍ଥ୍ୟବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ଡକ୍ଟର ମାନସ ରଂଜନ ସାହୁଙ୍କୁ ରାଜ୍ୟପାଳ ତଥା କୁଳାଧିପତି ରଘୁବର ଦାସ ନିଯୁକ୍ତି ଦେଇଛନ୍ତି। ଛପନ ବର୍ଷୀୟ ଡକ୍ଟର ସାହୁ ବର୍ତ୍ତମାନ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ) ଭୁବନେଶ୍ୱରର ସର୍ଜରୀ ବିଭାଗରେ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି। କୁଳପତି ପଦରେ ସେ ଚାରିବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବେ।

## ବନୀକରଣ-ଅର୍ଥ ମଂଜୁର

ରାଜ୍ୟରେ ୨୦୧୫-୧୬ରୁ ଚଳିତ ଆର୍ଥିକବର୍ଷ ପର୍ଯ୍ୟନ୍ତ ବନୀକରଣ ନିମନ୍ତେ ୭୫ କୋଟି ୭୮ ଲକ୍ଷ ଟଙ୍କା ମଂଜୁର କରାଯାଇଛି । କେନ୍ଦ୍ର ପରିବେଶ ଓ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ବାର୍ଷିକ ରିପୋର୍ଟ ଅନୁଯାୟୀ ୨୦ ହଜାର ୭୧୧ ହେକ୍ଟର ବନୀକରଣ ପାଇଁ ଅର୍ଥ ମଂଜୁର କରାଯାଇଥିଲା । ଅନ୍ୟପକ୍ଷରେ ଚଳିତ ଆର୍ଥିକବର୍ଷରେ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ପାଇଁ ୧ କୋଟି ୭୧ ଲକ୍ଷ ଅଣଚାଳିଶ ହଜାର ଆଠଶହ ଛଅସ୍ତରୀ ଟଙ୍କା ପ୍ରଦାନ କରାଯାଇଛି ।

## ରେଳ ମନ୍ତ୍ରଣାଳୟ

ରେଳ ମନ୍ତ୍ରଣାଳୟ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣକୁ ଗତିଶୀଳ କରିବା ଲାଗି ମହାପ୍ରବନ୍ଧକ ଏବଂ ଡି.ଏମ୍.ଆର୍.ଙ୍କ ଆର୍ଥିକ କ୍ଷମତା ବୃଦ୍ଧି କରିଛନ୍ତି । ଏଣିକି ମହାପ୍ରବନ୍ଧକ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ରି-ମଡେଲିଙ୍ଗ୍, ଟ୍ରାକ୍ ନବୀକରଣ, ସେତୁ ତଥା ସୁଡ଼ଙ୍ଗ ନିର୍ମାଣ ପାଇଁ ମଂଜୁରୀ ଦେଇପାରିବେ । ସେହିଭଳି ଡି.ଆର୍.ଏମ୍.ଙ୍କ ପ୍ରକଳ୍ପ ମଂଜୁରୀ କ୍ଷମତାକୁ ୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି ।

## ଗ୍ରାମ ନ୍ୟାୟାଳୟ

ଗ୍ରାମ ନ୍ୟାୟାଳୟ ଭିତ୍ତିଭୂମି ନିର୍ମାଣ ଓ ଏହାର କାର୍ଯ୍ୟକାରୀତା ନେଇ ଆସନ୍ତାକାଲି କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଆଭାସୀ ବୈଠକ ଅନୁଷ୍ଠିତ ହେବ । ଏଥିରେ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଗୌରବ ମଶାଇଦନ

ଅଧ୍ୟକ୍ଷତା କରିବେ । ଏହି ବୈଠକରେ ଗ୍ରାମ ନ୍ୟାୟାଳୟ ଭିତ୍ତିଭୂମି ପ୍ରତିଷ୍ଠା ଓ ସୁପରିଚାଳନା କାର୍ଯ୍ୟର ସମୀକ୍ଷା କରାଯିବ । ଏହା ଅଧୀନରେ ପ୍ରତ୍ୟେକ ପଞ୍ଚାୟତର ମୁଖ୍ୟାଳୟରେ ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠା ହେବ ।

# ମୁଦ୍ରାସ୍ଫୀତି

ଓଡ଼ିଶାର ମୁଦ୍ରାସ୍ଫୀତି ୭ ଦଶମିକ ୧/୧ ପ୍ରତିଶତକୁ ହ୍ରାସ ପାଇଛି । ଚଳିତବର୍ଷ ଏପ୍ରିଲ୍‌ରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୪ ଦଶମିକ ୮/୩ ପ୍ରତିଶତକୁ ହ୍ରାସ ପାଇଥିଲା । କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ରାଜ୍ୟରେ ଗତମାସରେ ଗ୍ରାମୀଣ ମୁଦ୍ରାସ୍ଫୀତି ହାର ୭ ଦଶମିକ ୩/୮ ଓ ସହରାଞ୍ଚଳରେ ସେହି ହାର ୬ ଦଶମିକ ୨/୯ ପ୍ରତିଶତ ରହିଥିଲା ।

# ମୌସୁମୀ

ଆସନ୍ତା ୧୯ ତାରିଖ ସୁଦ୍ଧା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ନେଇ ପାଗ ଅନୁକୂଳ ରହିଥିବା ଜଣାପଡ଼ିଛି । ଭାରତୀୟ ପାଣିପାଗ ସୂଚନା ଅନୁଯାୟୀ ଏହା ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ନିକୋବର ଦ୍ୱୀପ ଓ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରକୁ  ଛୁଇଁବ । ଅନ୍ୟପକ୍ଷରେ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଅପରିବର୍ତ୍ତିତ ରହିବା ସହ ୧୭ ତାରିଖ ଠାରୁ କେତେକ ସ୍ଥାନରେ ଦିନ ତାପମାତ୍ରା ୨ରୁ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ସମ୍ଭାବନା ରହିଛି । ଆଜି କନ୍ଧମାଳ, ରାୟଗଡ଼ା, କୋରାପୁଟ, ଗଞ୍ଜାମ, ଗଜପତି ଓ ନୟାଗଡ଼ର କେତେକ ସ୍ଥାନରେ ଝଡ଼ବର୍ଷା ହେବା ନେଇ ଆକଳନ କରାଯାଇଛି ।